# REGIONAL NEWS UNIT, AIR CUTTACK

## Mid-day Bulletin (4.00PM)

### 18 May - 2024

*******************************

## ମୁଖ୍ୟ ସମ୍ବାଦ

- ରାଜ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ଆଜି ଶେଷ ହେଉଛି ପ୍ରଚାର

– ଏହି ପର୍ଯ୍ୟାୟରେ ୫ଟି ଲୋକସଭା ଏବଂ ୩୫ଟି ବିଧାନସଭା ଆସନ ପାଇଁ ହେବ ମତଗ୍ରହଣ

- ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର ପାଇଁ ଆସନ୍ତାକାଲିଠାରୁ ବରିଷ୍ଠ ବିଜେପି ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୁଇଦିନିଆ ଓଡ଼ିଶା ଗସ୍ତ

- ଆସନ୍ତା ୨୦୨୬-୨୭ ଆର୍ଥିକ ବର୍ଷ ସୁଦ୍ଧା ଭାରତ ବିଶ୍ୱର ତୃତୀୟ ଅର୍ଥନୀତି ହେବ, କହିଲେ ଷୋଡ଼ଶ ଅର୍ଥକମିଶନ ଅଧ୍ୟକ୍ଷ ଅରବିନ୍ଦ ପାନ୍‌ଗାରିୟା

ଏବଂ

- ଚଳିତ ବର୍ଷର ସ୍ନାତକୋତ୍ତର ପାଠ୍ୟକ୍ରମ ପାଇଁ ଆରମ୍ଭ ହେଲା ନାମଲେଖା ପ୍ରକ୍ରିୟା

# ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ

ଦେଶରେ ପଞ୍ଚମ ତଥା ରାଜ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ଆଜି ପ୍ରଚାର ଶେଷ ହେଉଛି । ଆସନ୍ତା ସୋମବାର ଦିନ ଏହି ପର୍ଯ୍ୟାୟରେ ୮ଟି ରାଜ୍ୟ ଏବଂ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳର ୪୯ଟି ଲୋକସଭା ଆସନ ପାଇଁ ମତ ଗ୍ରହଣ କରାଯିବ । ଏହି ପର୍ଯ୍ୟାୟରେ ରାଜ୍ୟର ୫ଟି ସଂସଦୀୟ କ୍ଷେତ୍ର ଏବଂ ଏହା ଅନ୍ତର୍ଗତ ୩୫ଟି ବିଧାନସଭା ଆସନ ଲାଗି ମତଦାନ ଅନୁଷ୍ଠିତ ହେବ। ନିର୍ବାଚନ ହେବାକୁ ଥିବା ୫ଟି ସଂସଦୀୟ କ୍ଷେତ୍ର ହେଉଛି– ସୁନ୍ଦରଗଡ଼, ବରଗଡ଼, ବଲାଙ୍ଗୀର, କନ୍ଧମାଳ ଓ ଆସ୍କା। ଏହି ପର୍ଯ୍ୟାୟ ନିର୍ବାଚନରେ ଅଣାଅସୀ ଲକ୍ଷ ଅଣସ୍ତରୀ ହଜାର ୮୮୭ ଜଣ ଭୋଟର ସେମାନଙ୍କ ମତାଧିକାର ସାବ୍ୟସ୍ତ କରିବେ। ସେମାନଙ୍କ ମଧ୍ୟରେ ୪୦ ଲକ୍ଷ ୩୩ ହଜାର ୯୯୨ ଜଣ ପୁରୁଷ ଭୋଟର, ଅଣଚାଳିଶି ଲକ୍ଷ ୩୫ ହଜାର ୪୪ ଜଣ ମହିଳା ଭୋଟର ଏବଂ ୮୫୧ ଜଣ ଅନ୍ୟାନ୍ୟ ବର୍ଗର ଭୋଟର ରହିଥିବା ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ କହିଛନ୍ତି। ସେହିଦିନ ସକାଳ ୭ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମତଦାନ ଅନୁଷ୍ଠିତ ହେବ। ତେବେ କେତେକ ମତଦାନ କେନ୍ଦ୍ରରେ ସନ୍ଧ୍ୟା ୫ଟା ଓ ଅନ୍ୟ କେତେକ କେନ୍ଦ୍ରରେ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ମତଦାନ ହେବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସୂତ୍ରରୁ ଜଣାପଡ଼ିଛି।

ଏହି ପର୍ଯ୍ୟାୟରେ ୧୮ରୁ ୧୯ ବର୍ଷ ବୟସ ବର୍ଗର ପ୍ରଥମଥର ମତଦାତାଙ୍କ ସଂଖ୍ୟା ୨ ଲକ୍ଷ ୧୩ ହଜାର ୧୨୯ ଥିବାବେଳେ ୨୦ରୁ ୨୯ ବର୍ଷ ବୟସ ବର୍ଗର ଭୋଟରଙ୍କ ସଂଖ୍ୟା ୧୬ ଲକ୍ଷ ୯୮ ହଜାର ୫୧୬ ରହିଛି। ସେହିପରି ୮୫ ବର୍ଷରୁ ଊର୍ଦ୍ଧ୍ୱ ୫୫ ହଜାର ୮୨୨ ଜଣ ମତଦାତା ରହିଥିବାବେଳେ ୧୦୦ ବର୍ଷରୁ ଊର୍ଦ୍ଧ୍ୱ ୧ ହଜାର ୮୧୨ ଜଣ, ଦିବ୍ୟାଙ୍ଗ ଭୋଟରଙ୍କ ସଂଖ୍ୟା ୧ ଲକ୍ଷ ୭ ହଜାର ୮୨୩ ଏବଂ ୪୬ ଜଣ ପ୍ରବାସୀ ମତଦାତା ଓ ୧୦ ହଜାର ୬୩୦ ଜଣ ସର୍ଭିସ ଭୋଟର ଅଛନ୍ତି।

ଏହି ପର୍ଯ୍ୟାୟରେ ମୋଟ ୯ ହଜାର ୧୪୮ଟି ମତଦାନ କେନ୍ଦ୍ର ଓ ୧୪ଟି ଅତିରିକ୍ତ ମତଦାନ କେନ୍ଦ୍ରରେ ଭୋଟରମାନେ ସେମାନଙ୍କ ମତାଧିକାର ସାବ୍ୟସ୍ତ କରିବେ। ସେଗୁଡ଼ିକ ମଧ୍ୟରୁ ୮ ହଜାର ୫୮ଟି ମତଦାନ କେନ୍ଦ୍ର ଗ୍ରାମାଞ୍ଚଳରେ ରହିଥିବାବେଳେ ୧ ହଜାର ୯୦ଟି କେନ୍ଦ୍ର ସହରାଞ୍ଚଳରେ ରହିଛି। ହଜାରେ ୪୧ଟି ମତଦାନ କେନ୍ଦ୍ର ସମ୍ପୂର୍ଣ୍ଣଭାବେ ମହିଳା କର୍ମଚାରୀଙ୍କ ଦ୍ୱାରା ପରିଚାଳିତ ହେବାକୁ ଥିବାବେଳେ ୨୫ଟି ମତଦାନ କେନ୍ଦ୍ର ଦିବ୍ୟାଙ୍ଗ କର୍ମଚାରୀମାନେ ପରିଚାଳନା କରିବେ। ଏହି ପର୍ଯ୍ୟାୟରେ ୧ ହଜାର ୫୪୧ଟି ଆଦର୍ଶ ମତଦାନ କେନ୍ଦ୍ର ସ୍ଥାପନ କରାଯାଇଛି। ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସୂଚନା ଅନୁଯାୟୀ, ପ୍ରତ୍ୟେକ ମତଦାନ କେନ୍ଦ୍ରରେ  ପ୍ରାୟ ୮୭୦ ଜଣ ଲେଖାଏଁ ଭୋଟର ମତଦାନ କରିବେ। ଏହି ପର୍ଯ୍ୟାୟ ନିର୍ବାଚନରେ ୬୦ ହଜାରରୁ ଅଧିକ କର୍ମଚାରୀଙ୍କୁ

ନିୟୋଜିତ କରାଯାଇଛି। ଆଜି ୧୭ଟି ବିଧାନସଭା କ୍ଷେତ୍ର ପାଇଁ ନିୟୋଜିତ ହୋଇଥିବା କର୍ମଚାରୀମାନଙ୍କୁ ଗନ୍ତବ୍ୟ ସ୍ଥଳକୁ ପଠାଯାଇଥିବାବେଳେ ୧୮ଟି ବିଧାନସଭା କ୍ଷେତ୍ରର କର୍ମଚାରୀମାନଙ୍କୁ ଆସନ୍ତାକାଲି ଭୋଟଗ୍ରହଣ କେନ୍ଦ୍ରକୁ ପଠାଯିବ। ଏହି ପର୍ଯ୍ୟାୟରେ ୫ଟି ସଂସଦୀୟ କ୍ଷେତ୍ର ପାଇଁ ମୋଟ ୪୦ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଥିବାବେଳେ ୩୫ଟି ବିଧାନସଭା କ୍ଷେତ୍ର ପାଇଁ ୨୬୫ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି।

ଏହି ପର୍ଯ୍ୟାୟ ନିର୍ବାଚନରେ ସମ୍ଭାବ୍ୟ ଅଂଶୁଘାତର ମୁକାବିଲା ଏବଂ ବୟସ୍କ ଓ ଦିବ୍ୟାଙ୍ଗ ଭୋଟରଙ୍କୁ ସହାୟତା ପାଇଁ ପ୍ରତି ମତଦାନ କେନ୍ଦ୍ରରେ ଆଶାକର୍ମୀଙ୍କ ସମେତ ଜରୁରୀ ଔଷଧପତ୍ର ଏବଂ ସ୍ୱେଚ୍ଛାସେବୀମାନଙ୍କୁ ନିୟୋଜିତ କରାଯାଇଛି। ଏ ସମ୍ପର୍କରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ କହିଛନ୍ତି,

**- V/O –**

***Desk, Cuttack, Angul/R***

## ପ୍ରଧାନମନ୍ତ୍ରୀ – ଓଡ଼ିଶା ଗସ୍ତ

ବି.ଜେ.ପି.ର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର ଲାଗି ଆସନ୍ତାକାଲିଠାରୁ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସିବେ । ଆସନ୍ତା ସୋମବାର ଦିନ ଶ୍ରୀ ମୋଦି ପୁରୀ

ଗସ୍ତରେ ଯାଇ ଶ୍ରୀଜିଉଙ୍କୁ ଦର୍ଶନ କରିବା ପରେ ବଡ଼ଦାଣ୍ଡରେ ଏକ ନିର୍ବାଚନୀ ରୋଡ୍ ଶୋ'ରେ ଯୋଗଦେବେ । ସେହିଦିନ ପ୍ରଧାନମନ୍ତ୍ରୀ ଅନୁଗୁଳ ଯାଇ ବିଜୟ ସଙ୍କଳ୍ପ ସମାବେଶରେ ଯୋଗଦେବା ପରେ ଅପରାହ୍ଣରେ କଟକଠାରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ନିର୍ବାଚନୀ ସଭାରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ।

***Desk***

## ଭାରତ ଅର୍ଥନୀତି

ଭାରତ ୨୦୨୬-୨୭ ଆର୍ଥିକ ବର୍ଷ ସୁଦ୍ଧା ବିଶ୍ୱର ତୃତୀୟ ଅର୍ଥନୀତି ହେବ ବୋଲି ଷୋଡ଼ଶ ଅର୍ଥ କମିଶନ ଅଧ୍ୟକ୍ଷ ଅରବିନ୍ଦ ପାନ୍‌ଗାରିୟା କହିଛନ୍ତି । ସେ କହିଛନ୍ତି, ବର୍ତ୍ତମାନ ଦେଶ ଯେଉଁ ଅଭିବୃଦ୍ଧି ହାରରେ ଆଗକୁ ବଢୁଛି, ତାହା ଆଗାମୀ ଦିନରେ ଜାରି ରହିଲେ ଭାରତ ତୃତୀୟ ଅର୍ଥନୀତିରେ ପରିଣତ ହେବ । ସେ କହିଛନ୍ତି, ଗତ ୨୦ ବର୍ଷରେ ଡଲାର ହାରରେ ଅଭିବୃଦ୍ଧି ୮ ପ୍ରତିଶତ ବୃଦ୍ଧି ପାଇଛି । ବିଶ୍ୱରେ ଦେଖା ଦେଇଥିବା ମାନ୍ଦାବସ୍ଥା ଏବଂ କୋଭିଡ୍ ପରିସ୍ଥିତି ସତ୍ତ୍ୱେ ଭାରତର ଅଭିବୃଦ୍ଧି ସନ୍ତୋଷଜନକ ରହିଛି । ଭାରତୀୟ ଶିଳ୍ପ ମହାସଂଘର ବାର୍ଷିକ ସମ୍ମିଳନୀରେ ଯୋଗଦେଇ ଶ୍ରୀ ପାନ୍‌ଗାରିୟା କହିଛନ୍ତି, ଭାରତ ଏବେ ଦାରିଦ୍ର୍ୟରୁ ବାହାରକୁ ଆସିଛି । ଆଗାମୀ ଦିନରେ ଦେଶର ବୃହତ୍ ମାନବ ସମ୍ବଳକୁ କୃଷି କ୍ଷେତ୍ରରୁ ବାହାରକୁ ଆଣି ଶିଳ୍ପ ଏବଂ ସେବା ଦିଗରେ ନିୟୋଜିତ କରିବାର ଆବଶ୍ୟକତା ଉପରେ ସେ ଜୋର୍ ଦେଇଛନ୍ତି ।

*Jajpur (V)*

## ନିର୍ବାଚନ– ଯାଜପୁର

ରାଜ୍ୟର ଚତୁର୍ଥ ପର୍ଯ୍ୟାୟ ନିର୍ବାଚନରେ ଆସନ୍ତା ଜୁନ୍ ପହିଲାରେ ଯାଜପୁର ଜିଲ୍ଲାର ଗୋଟିଏ ଲୋକସଭା ଆସନ ଏବଂ ଏହା ଅନ୍ତର୍ଗତ ୭ଟି ବିଧାନସଭା ଆସନ ପାଇଁ ଭୋଟ୍‌ଗ୍ରହଣ କରାଯିବ। ଯାଜପୁର ସଂରକ୍ଷିତ ଲୋକସଭା ଆସନ ପାଇଁ ୧୩ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରୁଥିବାବେଳେ ବିଧାନସଭା ଆସନ ପାଇଁ ୬୧ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରୁଛନ୍ତି।

ଯାଜପୁରରେ ନିର୍ବାଚନ ସ୍ଥିତି ନେଇ ଆମ ସମ୍ବାଦଦାତା **ପ୍ରିୟ ରଞ୍ଜନ କର**ଙ୍କ ରିପୋର୍ଟ....

# - V/O -

*Desk*

## ପି.ଜି. ନାମଲେଖା

ଚଳିତ ବର୍ଷ ସ୍ନାତକୋତ୍ତର ପାଠ୍ୟକ୍ରମରେ ନାମଲେଖା ପ୍ରକ୍ରିୟା ଆରମ୍ଭ ହୋଇଛି । ଏଥିଲାଗି ଏକକ ପି.ଜି. ପ୍ରବେଶିକା ପରୀକ୍ଷା– ସିପେଟ୍–୨୦୨୪ ଚଳିତ ବର୍ଷ ଜୁଲାଇ ୩ରୁ ୧୪ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବ। ମିଳିଥିବା ସୂଚନା ଅନୁସାରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ରାଜ୍ୟର ୧୧୪ଟି ଶିକ୍ଷାନୁଷ୍ଠାନରେ ଚଳିତ ବର୍ଷ ୨୮ ହଜାର ୯୫୪ ପି.ଜି. ସିଟ୍‌ରେ ନାମ ଲେଖାଯିବ । ପୂର୍ବବର୍ଷ ତୁଳନାରେ ୧ ହଜାର

୧୩୮ଟି ପି.ଜି. ସିଟ୍ ବୃଦ୍ଧି କରାଯାଇଥିବା ଜଣାପଡ଼ିଛି । ଏହି ପ୍ରକ୍ରିୟାରେ ଚଳିତ ଥର ଓଡ଼ିଆ ବିଶ୍ୱବିଦ୍ୟାଳୟ ଓ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟକୁ ସାମିଲ୍ କରାଯାଇଛି । ଗତବର୍ଷ ଓଡ଼ିଆ ବିଶ୍ୱବିଦ୍ୟାଳୟରେ ନାମଲେଖା ପାଇଁ ସ୍ୱତନ୍ତ୍ର ଭାବେ ଏକକ ପି.ଜି. ପ୍ରବେଶିକା ପରୀକ୍ଷା କରାଯାଇଥିଲା। ଏହି ପ୍ରବେଶିକା ପରୀକ୍ଷା ଲାଗି ଆଜିଠାରୁ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଛି। ଛାତ୍ରଛାତ୍ରୀମାନେ ଅନଲାଇନ୍ ଜରିଆରେ ସାମ୍ସ୍ ପୋର୍ଟାଲ୍ ଜରିଆରେ ଆବେଦନ କରିପାରିବେ। ଚଳିତ ମାସ ୨୭ ତାରିଖ ଆବେଦନର ଶେଷ ସମୟ ରହିଛି। ଚଳିତ ଥର ନାମଲେଖା ପ୍ରକ୍ରିୟାରେ ସାମାନ୍ୟ ପରିବର୍ତ୍ତନ କରାଯାଇଛି। ପ୍ରଥମ ପର୍ଯ୍ୟାୟ ନାମଲେଖା ୪ ରାଉଣ୍ଡ ଚୟନ ପ୍ରକ୍ରିୟାରେ କରାଯିବ। ଯେଉଁମାନେ ପ୍ରଥମ ପର୍ଯ୍ୟାୟରେ ନାମ ଲେଖାଇ ନ ଥିବେ ସେମାନଙ୍କୁ ଦ୍ୱିତୀୟ ଏବଂ ତୃତୀୟ ପର୍ଯ୍ୟାୟରେ ନାମଲେଖା ପାଇଁ ଅନୁମତି ଦିଆଯିବ।

***Desk***

# ସି.ଇ.ଓ. - ରାଜନୈତିକ ଦଳ ବୈଠକ

ରାଜ୍ୟରେ ହେବାକୁ ଥିବା ବାକି ପର୍ଯ୍ୟାୟ ନିର୍ବାଚନରେ ସମସ୍ତ ସଖୀ ବୁଥ୍‌ରେ ମହିଳା ପୋଲିଂ ଏଜେଣ୍ଟଙ୍କୁ ନିଯୁକ୍ତି କରିବାପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ରାଜନୈତିକ ଦଳଗୁଡ଼ିକୁ ଅନୁରୋଧ

କରିଛନ୍ତି । ରାଜ୍ୟର ସମସ୍ତ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ସହିତ ଗତକାଲି ଭୁବନେଶ୍ୱରରେ ଅନୁଷ୍ଠିତ ବୈଠକରେ ଅଧ୍ୟକ୍ଷତା କରି ଶ୍ରୀ ଧଳ କହିଛନ୍ତି, ରାଜନୈତିକ ଦଳ ଗୁଡ଼ିକ ପୋଲିଂ ଏଜେଣ୍ଟମାନଙ୍କୁ ପରିଚୟ ପତ୍ର ପ୍ରଦାନ କରିବେ । ନିର୍ବାଚନ ସମୟରେ ଆଇନଶୃଙ୍ଖଳା ପରିସ୍ଥିତିର ଯେପରି ବ୍ୟାହତ ନ ହୁଏ, ସେଥିପାଇଁ ସବୁ ରାଜନୈତିକ ଦଳ ଏବଂ ପ୍ରଶାସନ ପକ୍ଷରୁ ଉଚିତ ପଦକ୍ଷେପ ଗ୍ରହଣ କରିବାପାଇଁ ଶ୍ରୀ ଧଳ କହିଛନ୍ତି ।

*********************************